# କର୍ପୋରେଟ ସମ୍ପୃକ୍ତି ଥିବା ମାନବ ଅଧିକାର ଉଲ୍ଲଂଘନ ମାମଲାର ଡକ୍ୟୁମେଣ୍ଟେସନ ଆରମ୍ଭ କରିବା ପାଇଁ ଆବଶ୍ୟକ ଚେକ ଲିଷ୍ଟ

ଯଦି କୌଣସି ମାମଲା/ କେସକୁ ଡକ୍ୟୁମେଣ୍ଟ/ ଲିପିବଦ୍ଧ କରିବା ପାଇଁ ଆପଣ ଚେକ ଲିଷ୍ଟ ର ବ୍ୟବହାର କରିଛନ୍ତି କିମ୍ବା ଏ ବିଷୟରେ ଅଧିକ ଜାଣିବା ପାଇଁ ଚାହୁଁଛନ୍ତି ତାହାଲେ ସମ୍ପର୍କ କରନ୍ତୁ :

*Tatiana Bejar (ESCR-Net): tbejar@escr-net.org*
*and*
*Annabel Short (Business & Human Rights Resource Centre): short@business-humanrights.org*

ଏହାର ପୃଷ୍ଠଭୂମି ବିଷୟରେ ସୂଚନା ତଳେ ଦିଆଗଲା। ଏହି ବିଷୟରେ ଅନଲାଇନ ସୂଚନା ପାଇବା ପାଇଁ

http://business-humanrights.org/en/checklist-enabling-greater-documentation-of-corporate-human-rights-abuses ରେ କ୍ଲିକ କରନ୍ତୁ।

**ସୁରକ୍ଷା ସୂଚନା:** କେବଳ ସେହି ପ୍ରଶ୍ନ ଗୁଡିକର ଉତ୍ତର ଦିଅନ୍ତୁ ଯାହାକୁ ଆପଣ ସୁରକ୍ଷିତ ବୋଲି ଭାବୁଛନ୍ତି ଅଥବା ସେହି ପ୍ରଶ୍ନ ଗୁଡିକର ଉତ୍ତର ଦେଇ ପାରିବେ ବୋଲି ଭାବୁଛନ୍ତି। ଆପଣ ଉତ୍ତର ଦେଉଥିବା ପ୍ରଶ୍ନ ଅନ୍ୟମାନଙ୍କ ପ୍ରତି ବିପଦ ସୃଷ୍ଟି ନକରୁଥାଉ।

**ନାମ :** [ଯଦି ଆପଣ ଜଣେଇବାକୁ ଚାହୁଁଛନ୍ତି ]

______________________________________

**ସଂସ୍ଥା :** [ଯଦି ଆପଣ ଜଣେଇବାକୁ ଚାହୁଁଛନ୍ତି ]

______________________________________

ଘଟଣା ବା ପରିସ୍ଥିତି ସହ ଆପଣଙ୍କ ସମ୍ପର୍କ **:** [ଯଦି ଆପଣ ଜଣେଇବାକୁ ଚାହୁଁଛନ୍ତି ]

---

ଆପଣ ଏହି ଚେକ ଲିଷ୍ଟରେ କିଛି ପ୍ରଶ୍ନ ଦେଖିବେ। ଏହି ପ୍ରଶ୍ନାବଳୀ ତିଆରି କରିବା ପଛର ଉଦ୍ଦେଶ୍ୟଟି ହେଲା ପ୍ରଶ୍ନ ମାନଙ୍କର ଉତ୍ତରକୁ ସାର୍ବଜନୀନ କରିବା। ଯଦି କୌଣସି ଉତ୍ତରକୁ ଆପଣ ସାର୍ବଜନୀନ କରିବା ପାଇଁ ଚାହୁଁ ନାହାନ୍ତି ତାହାଲେ ସେ

ବିଷୟେରେ ଜଣାଇ ଦିଅନ୍ତୁ। ଯେକୌଣସି ସ୍ଥାନୀୟ ଗୋଷ୍ଠୀ ଯଦି କୌଣସି ଘଟଣା ବା ପରିସ୍ଥିତି ସମ୍ପର୍କରେ ପ୍ରାଥମିକ ଡକ୍ୟୁମେଣ୍ଟେସନ  ଆରମ୍ଭ କରିବା ପାଇଁ ଚାହୁଁଛନ୍ତି ତାହାଲେ ତାଙ୍କ ପାଇଁ ୧ ନମ୍ବର ରୁ ୩ ନମ୍ବର ପର୍ଯ୍ୟନ୍ତ ପ୍ରଶ୍ନ ଯଥେଷ୍ଟ।  ଏଥିରେ ସହାୟତା କରୁଥିବା ସଂସ୍ଥା ଚାହିଁଲେ ପ୍ରଶ୍ନ ନମ୍ବର ୪ ରୁ ୬ ପର୍ଯ୍ୟନ୍ତର ଉତ୍ତର ଦେଇପାରନ୍ତି।

## ୧. ଘଟି ସାରିଥିବା କିମ୍ବା ବର୍ତ୍ତମାନ ଘଟୁଥିବା ଘଟଣା ସମ୍ପର୍କରେ କିଛି ସାଧାରଣ ସୂଚନା

***ସୂଚନା:   ଏହା ଗୋଟିଏ ଏକକ ଘଟଣା ହେଇପାରେ, ଘଟଣାବଳୀର ସମାହାର ହେଇପାରେ, ସମ୍ପ୍ରତି ଚାଲୁଥିବା ଏକ ପରିସ୍ଥିତି ହୋଇପାରେ ଅଥବା ଏ ସମସ୍ତର ସମାହାର ହେଇପାରେ***

୧.୧.  ଘଟଣା ବା ପରିସ୍ଥିତିର ପ୍ରକୃତି : ଯାହା ଘଟି ଯାଇଛି ତାହା ବର୍ଣନା କରନ୍ତୁ। ଆଉ ଯଦି ଘଟଣାଟି ସମ୍ପ୍ରତି ଘଟୁଛି, ତାହାଲେ ଏ ପର୍ଯ୍ୟନ୍ତର ଘଟଣାବଳୀ ବର୍ଣନା କରନ୍ତୁ।
୧.୨.  ସମୟସୀମା: ଘଟଣାଟି କେବେ ଘଟିଥିଲା  ତାହା ଉଲ୍ଲେଖ କରନ୍ତୁ। ଆଉ ଯଦି ଘଟଣାଟି ସମ୍ପ୍ରତି ଘଟୁଛି ତାହାଲେ ଏହା କେବେ ଆରମ୍ଭ ହୋଇଥିଲା ତାହା ଦର୍ଶାନ୍ତୁ।
୧.୩. ସ୍ଥାନ:  କେଉଁ ସ୍ଥାନରେ ଘଟଣାଟି ଘଟିଥିଲା ବା ଘଟୁଛି ସେ ବିଷୟରେ ଉଲ୍ଲେଖ କରନ୍ତୁ, ଉଦାହରଣ ସ୍ୱରୂପ- ଗ୍ରାମ କିମ୍ବା ସହରର ନାମ, ଦେଶର ନାମ, ସ୍ଥାନ ନିକଟସ୍ଥ ଲ୍ୟାଣ୍ଡ ମାର୍କ
୧.୪.କ୍ଷତିଗ୍ରସ୍ତ ଲୋକ: ଏହି ଘଟନା ଦ୍ୱାରା କେତେ ସଂଖ୍ୟକ ଲୋକ ସିଧାସଳଖ ପ୍ରଭାବିତ ହୋଇଛନ୍ତି? କେତେ ଲୋକଙ୍କ ପ୍ରଭାବିତ ହେବାର ସମ୍ଭାବନା ଅଛି? ଯେଉଁ ମାନେ ପ୍ରଭାବିତ ହୋଇଛନ୍ତି ସେମାନଙ୍କ ବିଷୟରେ ସମ୍ୟକ ସୂଚନା ଦିଅନ୍ତୁ, ଯେପରିକି କ୍ଷତିଗ୍ରସ୍ତ ବ୍ୟକ୍ତି ବା  ଗୋଷ୍ଠୀର ପ୍ରକୃତି, ଘଟଣାର ବାସ୍ତବ ଇତିହାସ ଇତ୍ୟାଦି

### ୨. ସମ୍ପୃକ୍ତ ବ୍ୟକ୍ତି ବିଶେଷ

୨.୧ ବ୍ୟବସାୟ ପ୍ରତିଷ୍ଠାନ: ଘଟି ସାରିଥିବା ବା ଘଟୁଥିବା ଘଟଣାରେ ସମ୍ପୃକ୍ତ କମ୍ପାନୀ ବା କମ୍ପାନୀ ଗୁଡିକ ଆଉ ସେମାନେ କିପରି ଭାବେ ଏହି ଘଟଣା ସହ ସମ୍ପୃକ୍ତ(ଯଦି ଜଣା ଅଛି)
୨.୨. ସରକାର:  ଏହି ଘଟଣାରେ ସ୍ଥାନୀୟ କିମ୍ବା କେନ୍ଦ୍ର ସରକାରଙ୍କର କୌଣସି ଅଧିକାରୀ କିମ୍ବା ସୁରକ୍ଷା ବଳ ସମ୍ପୃକ୍ତ ଥିଲା କି? ଯଦି ଥିଲା, ତାହାଲେ ସେମାନେ କେଉଁ ନିର୍ଦ୍ଦିଷ୍ଟ ଭୂମିକା ନିଭାଇ ଥିଲେ?(ଯଦି ଜଣା ଅଛି)
୨.୩. ଅନ୍ୟ ମାନେ: ଏହି ଘଟଣା ସହ ଆଉ କେହି ଯେମିତିକି କୌଣସି ବିଦେଶୀ ଏଡ ଏଜେନ୍ସି କିମ୍ବା ଅନ୍ତରାଷ୍ଟ୍ରୀୟ ବ୍ୟାଙ୍କ ସମ୍ପୃକ୍ତ ଥିବା କଥା ଆପଣ ଜାଣିଛନ୍ତି କି? ଯଦି ଜାଣିଛନ୍ତି ଦୟାକରି ବର୍ଣନା କରନ୍ତୁ।

### ୩. ଏହା ସହ ବର୍ତ୍ତମାନ କେଉଁ କେଉଁ ବିପଦ ଜଡିତ ଏବଂ କେଉଁ କେଉଁ ଅନ୍ତର୍ନିହିତ ବିପଦ ରହିଛି?

୩.୧. ଆପଣ, ଏହି ଘଟଣା ସହ ସମ୍ପୃକ୍ତ ଅନ୍ୟ କୌଣସି ଅଂଶୀଦାର ଅବା କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ କାମ କରୁଥିବା ଓକିଲଙ୍କ ପ୍ରତି କିଛି ବିପଦ ଅଛି କି? ଯଦି ଅଛି ତାହାଲେ ବିପଦ ବିଷୟରେ ବର୍ଣନା କରନ୍ତୁ।
୩.୨. ଏପରି କିଛି ବିଷୟ ଅଛି କି ଯାହା ନିକଟ ଭବିଷ୍ୟତ ରେ ଏକ ନୂଆ ବିପଦ ହୋଇପାରେ?

**୪. ଏହି ଡକ୍ୟୁମେଣ୍ଟେସନରୁ ଆପଣ କଣ ହାସଲ କରିବାକୁ ଚାହାନ୍ତି?**

୪.୧. ଲକ୍ଷ୍ୟ: ଏହି ଡକ୍ୟୁମେଣ୍ଟେସନ ଓ ତା ପରବର୍ତ୍ତୀ ପ୍ରକ୍ରିୟା ମାନଙ୍କରୁ ଆପଣ କଣ ହାସଲ କରିବାକୁ ଚାହାନ୍ତି?

୪.୨. ବାଧା: ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଥିବା ମୁଖ୍ୟ ଅବରୋଧ ବା ବାଧା ଗୁଡିକ କଣ କଣ?

**୫. ବର୍ତ୍ତମାନର ଡକ୍ୟୁମେଣ୍ଟେସନ**

୫.୧.  ଘଟି ଯାଇଥିବା ବା ଘଟୁଥିବା ଘଟଣା ଉପରେ କିଛି ରିପୋର୍ଟ କିମ୍ବା ଭିଡିଓ ପ୍ରକାଶିତ ହୋଇଛି କିମ୍ବା ତିଆରି କରାଯାଇଛି କି? (ଯଦି ହଁ ତାହାଲେ ତାର hyperlinks କୁ ଏଠାରେ ସଂଲଗ୍ନ କରନ୍ତୁ। )

**୬. ପୂର୍ବରୁ ନିଆଯାଇଥିବା ପଦକ୍ଷେପ ଓ କରାଯାଇଥିବା ଯୋଗାଯୋଗ**

୬.୧. ବ୍ୟବସାୟ ସଂସ୍ଥା ଓ ସରକାରଙ୍କ ସହ ହୋଇଥିବା ଯୋଗାଯୋଗ: ଏହି ଘଟଣା ବିଷୟରେ ଆପଣ ସମ୍ପୃକ୍ତ କମ୍ପାନୀ କିମ୍ବା ସରକାରଙ୍କ ସହ କୌଣସି ଯୋଗାଯୋଗ କରିଛନ୍ତି କି? ଯଦି କରିଛନ୍ତି ତାହାଲେ ସେମାନଙ୍କ ଠାରୁ କି ପ୍ରତିକ୍ରିୟା ମିଳିଛି?

୬.୨. କୌଣସି ବାହ୍ୟ ଗୋଷ୍ଠୀ ସହ ହୋଇଥିବା ଯୋଗାଯୋଗ: ଏହି ଘଟଣା ବିଷୟରେ ଆପଣ ବାହାରର କୌଣସି ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କ ସହ କିଛି ଯୋଗାଯୋଗ କରିଛନ୍ତି କି? ଯଦି କରିଛନ୍ତି ସେମାନେ କିଏ କିଏ ଏବଂ ସେମାନଙ୍କ ପ୍ରତିକ୍ରିୟା କଣ ଥିଲା?

୬.୩.ନିଆଯାଇଥିବା ପଦକ୍ଷେପ(ଆଇନଗତ ପଦକ୍ଷେପକୁ ମିଶାଇ): ଏହି ଘଟଣାର ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଇଛି ଅବା ନିଆଯିବା ପାଇଁ ପ୍ରସ୍ତୁତି ଚାଲିଛି କି? ଯଦି ହୋଇଛି ତାହାଲେ କଣ କରାଯାଇଛି, ଏଥି ପାଇଁ କେଉଁ କେଉଁ ଅସୁବିଧା ସାମ୍ନା କରିବାକୁ ପଡିଛି ଓ ଏଥିରୁ କଣ ଫଳ ମିଳିଛି ସେ ବିଷୟରେ ଜଣାନ୍ତୁ। (ଆପଣ ଏଥିରେ ଆଇନଗତ ପଦକ୍ଷେପ, ଗଣମାଧମର ପ୍ରଭାବ, ସ୍ଥାନୀୟ ଗୋଷ୍ଠୀ ମାନଙ୍କର ଉଦାହରଣ ଦେଇପାରିବେ)

****************************************************

**ପୃଷ୍ଠଭୂମି:**

ପୃଥିବୀର ବିଭିନ୍ନ କୋଣରେ କାମ କରୁଥିବା ମାନବିକ ଅଧିକାର ଗୋଷ୍ଠୀ(ESCR-Net ସଭ୍ୟ ଓ  Business & Human Rights Resource Centreର ଅଂଶୀଦାରମାନଙ୍କ ସମେତ) ମାନଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଏହି ପ୍ରୋଜେକ୍ଟ ଆରମ୍ଭ କରାଯାଇଛି। କ୍ଷତିଗ୍ରସ୍ତ ଗୋଷ୍ଠୀମାନଙ୍କ ବୃହତ୍ତର ସହାୟତା ପାଇଁ ସାମୁହିକ ଭାବେ  ରାସ୍ତା ପ୍ରସ୍ତୁତ କରିବା

ଏହାର ଲକ୍ଷ୍ୟ। ଏହା ସାହାଯ୍ୟରେ ଉକ୍ତ ଗୋଷ୍ଠୀ ମାନେ ନିଜ କ୍ଷେତ୍ରରେ ହେଉଥିବା କର୍ପୋରେଟ ମାନବିକ ଅଧିକାର ଉଲ୍ଲଘଂନକୁ ଅଧିକ ଦକ୍ଷ ଭାବେ ଡକ୍ୟୁମେଣ୍ଟ କରି ପାରିବେ।

ଏହା ସହ ଆମେ ଏଠାରେ ଜଣେଇ ଦେବାକୁ ଚାହୁଁ ଯେ ଗୋଷ୍ଠୀ ମାନେ ସାମ୍ନା କରୁଥିବା ସମସ୍ୟା ଗୁଡିକର ସମାଧାନ ପାଇଁ ଏହି ଡକ୍ୟୁମେଣ୍ଟେସନ ପ୍ରକ୍ରିୟା ପର୍ଯ୍ୟାପ୍ତ ନୁହେଁ। ଗୋଷ୍ଠୀ ମାନଙ୍କୁ ସାଙ୍ଗରେ ନେଇ ସାମୁହିକ ଭାବେ ଡକ୍ୟୁମେଣ୍ଟ କରିବା ଓ ସେମାନେ ସାମ୍ନା କରୁଥିବା ସମସ୍ୟା ବିଷୟରେ ଅଧିକ ଜନସଚେତନତା ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଏହି ଡକ୍ୟୁମେଣ୍ଟେସନ ସେମାନଙ୍କୁ ଅଧିକ ସାହାଯ୍ୟ ଓ ସହଭାଗିତା ମିଳିବାରେ ସହାୟକ ହେବ।